# Akashvani, Sambalpur

## SAMBALPURI NEWS EVENING BULLETIN

## 1 May 2026-7.02- 7.12 pm.

---

୧- ଭି.ବି. ଜୀରାମ୍‌ଜୀ ଯୋଜ୍‌ନାଥି ଗାଁର୍ ବିକାଶ୍‌ର ରୂପ୍‌ରେଖ୍ ଗାଁର୍ ଲୁକେ ସ୍ଥିର୍ କର୍‌ବେ- କହେଲେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ।

- ରାୟଗଡ଼ା ଠାନେ ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍‌ନାର୍ ୪ ନମ୍ବର୍ ଖେପ୍ ସ୍ୱିକୃତୀ ପତ୍ର କଲେ ହସ୍ତାନ୍ତର୍ ।

୨- ଆଏବା କାଏଲ୍ ବାହାର୍‌ବା ମେଟ୍ରିକ ପରୀକ୍ଷାଫଲ୍ ।

୩- ରାଷ୍ଟ୍ର ସମୃଦ୍ଧି ଆଉ ସାମଗ୍ରିକ୍ ବିକାଶ୍‌ଥି ଶ୍ରମିକ୍‌ମାନ୍‌କର୍ ନିଷ୍ଠା ଆଉ ପ୍ରତିବଦ୍ଧତାକେ ସମ୍ମାନ୍ ଜନେଇକରି ଆଏଜ୍ ପାଲନ୍ କରାଯାଉଛେ ଆନ୍ତର୍ଜାତିକ୍ ଶ୍ରମିକ୍ ଦିବସ୍ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ୨୩ ଟା ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ମୁଖ୍ୟମନ୍ତ୍ରୀ- ଶିବରାଜ୍ ସିଂହ        ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ସବୁ ଗାଁକେ ସଡ଼କ୍ ସୁବିଧା ସହେତେ ସଂଯୋଗ୍ କର୍‌ବାର୍‌କେ ସର୍‌କାର୍ ସଂକଳ୍ପବଦ୍ଧ ବଲି କେନ୍ଦ୍ର କୃଷି, କୃଷକ୍ କଲ୍ୟାଣ୍ ଆଉ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ରାୟଗଡ଼ା ଠାନେ ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍‌ନାର୍ ୪ ନମ୍ବର୍ ଖେପ୍ ସ୍ୱିକୃତୀ ପତ୍ର ହସ୍ତାନ୍ତର୍ ସମାରୋହଥି ଯୋଗ୍ ଦେଇକରି ଶ୍ରୀ ଚୌହାନ୍ କହିଛନ୍, ବିକଶିତ୍ ଭାରତ୍ ଲାଗି ବିକଶିତ୍ ଗାଁର୍ ଗଠନ୍ ଜରୁରୀ । ଭି.ବି.- ଜିରାମ୍‌ଜୀ ଯୋଜ୍‌ନାଥି ଗାଁର୍ ବିକାଶ୍‌ର ରୂପରେଖ ଗାଁର୍ ଲୁକେ ସ୍ଥିର୍ କର୍‌ବେ । ଗୁଟେ ବଛର୍ ଭିତ୍‌ରେ ଦେଢ଼୍ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ଲାଗି ଯୋଜ୍‌ନାଥି ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

(ଭଏସ୍ ଓଭର୍-କେନ୍ଦ୍ରମନ୍ତ୍ରୀ)

ଇ ଅବ୍‌ସରେ ଓଡ଼ିଶାକେ ଚାଷ୍ କ୍ଷେତ୍ରଥି ଆଗ୍‌କେ ନେବାର୍ ଲାଗି କେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ୍ ରଖିଛନ୍ । କେନ୍ଦ୍ର ସର୍‌କାର୍ ଓଡ଼ିଶାକେ ଗୁଟେ ଖାସ୍ ବୈଜ୍ଞାନିକ୍ ଦଲ୍ ପଠାବେ । ବିଶେଷଜ୍ଞମାନେ ରାଜ୍ୟର୍

ଭିନ୍ ଭିନ୍ ଇଲାକା ବୁଲିକରି ସମନ୍ୱିତ କୃଷି ବ୍ୟବସ୍ଥାର୍ ସମୀକ୍ଷା କର୍‌ବେ । ଓଡ଼ିଶାର୍ ଫି' କୃଷିଭିତିକ୍ ଗାଁକେ ଗୁଟେ ବିହନ୍ ଗାଁ ବନାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ଇଚ୍ଛା ରହିଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍ୟ ସଡ଼କ୍ ଯୋଜ୍‌ନାର୍ ପହେଲା କିସ୍ତିଥି ୧୫ ହଜାର୍ ୮ ଶହ ୮ ଟା ସଡ଼କ୍, ୫ ଶହ ୨୩ ଟା ସେତୁ ଭିତ୍‌ରୁ ପାଖାପାଖି ସବୁର କାମ୍ ଶେଷ୍ କରିକରି ଓଡ଼ିଶା ଉଦାହରଣ୍ ତିଆର୍ କରିଛେ । କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ୍ ଚେରେଷ୍ଟାଥି ଗାଁ ଇଲାକା ନ ଯା'ଆସ୍‌କେ ବ୍ୟବସ୍ଥିତ୍ କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଯୋଜ୍‌ନା ଅଧୀନ୍‌ଥି ୮ ଶହ ୨୭ ଟା ସଡ଼କ୍ ପ୍ରକଳ୍ପଥି ୧ ହଜାର୍ ୭ ଶହ ୧ କିଲୋମିଟର୍ ରାସ୍ତା ତିଆର୍ କରାଯିବା । ଇଥିର୍‌ଲାଗି ୧ ହଜାର୍ ୬ ଶହ ୯୮ କୋଟିନୁ ଅଏତ୍‌କା ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଆବାସ ହିତାଧିକାରୀମାନ୍‌କୁ ଗୃହ, ଶ୍ରମିକ୍ କଲ୍ୟାଣ୍ ପାଣ୍ଠିନୁ

ସାହାଜ୍ ଟଙ୍କା ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାୟକ୍, ରାୟଗଡ଼ା, ବିଷମ୍‌କଟକ୍ ଆଉ ଗୁଣପୁର୍ ବିଧାୟକ୍ ଉପସ୍ଥିତ୍ ଥିଲେ ।

ମେଟ୍ରିକ୍ ପରୀକ୍ଷାଫଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷାଫଲ୍ ସାର୍ଟିଫିକେଟ୍ ଓଡ଼ିଆ ଭାଷାଥି ମିଲ୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଛାତ୍ରଛାତ୍ରୀମାନେ ଇ ବଛର୍ ଓଡ଼ିଆ ଆଉ ଇଂରାଟୀ ଦୁହି ଭାଷାଥି ମେଟ୍ରିକ୍ ସାର୍ଟିଫିକେଟ୍ ପାଇପାର୍‌ବେ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଆଏବା କାଏଲ୍ ଉପର୍‌ବେଲା ମେଟ୍ରିକ୍ ପରୀକ୍ଷାଫଲ୍ ବାହାର୍‌ବା । ଇଥିର୍‌ଲାଗି ପରିଷଦ୍ ତର୍‌ଫୁ ପ୍ରେସ୍ ବିଜ୍ଞପ୍ତି ଜରିଏ ସୂଚ୍‌ନା ଦିଆଯାଇଛେ । ଛାତ୍ରଛାତ୍ରୀମାନେ ପରୀକ୍ଷାଫଲ୍ ବୋର୍ଡ଼ ୱେବ୍‌ସାଇଟ୍ bseodisha.ac.in ଥି ପାଇପାର୍‌ବେ ଇଂଟର୍‌ନେଟ୍ ନାଇଁଥିବା ଇଲାକାମାନ୍‌କେ ରୋଲ୍‌ନମ୍ବର୍‌ଥି

ଏସ୍ଏମ୍ଏସ୍ କରିକରି ପରୀକ୍ଷାଫଲ୍ ଜାନିହେବା । ସେଆଡ଼େ ଇ ମାସର୍ ୩ ନମ୍ବର୍ ହପ୍ତାଥି ଯୁକ୍ତ ଦୁଇ ପରୀକ୍ଷାଫଲ୍ ବାହାର୍ବା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚ୍ନା ଦେଇଛନ୍ ।

(ଭଏସ୍ ଓଭର୍- ନିତ୍ୟାନନ୍ଦ ଗଣ୍ଡ)

ଫେବୃଆରୀ ୧୮ ତାରିଖ୍ନୁ ଯୁକ୍ତ ଦୁଇ ପରୀକ୍ଷା ମୁଲ୍ ହେଇକରି ମାର୍ଚ୍ଚ ମାସର୍ ୨୮ ତାରିଖ୍ତକ୍ ଚାଲିଥିଲା । ଇ ବଛର୍ ୪ ଲାଖ୍ ୧ ହଜାର୍ ୬ ଶହ ୩୨ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ମହାନଦୀ- ଟ୍ରିବ୍ୟୁନାଲ୍ ଆର୍ଏନ୍ୟୁ/ ସମ୍ବଲପୁର

ମହାନଦୀ ଟ୍ରିବ୍ୟୁନାଲ୍ର ଶୁଣାଣି ଆଏବା କାଏଲ୍ ହେବା । ଇତାର୍ ଆଘୋନୁ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍, ଟ୍ରିବ୍ୟୁନାଲ୍ ଲାଗି ଓଡ଼ିଶା ନ ମନ୍ତ୍ରୀସ୍ତରୀୟ କମିଟି ଗଠନ୍ କରାଯାଇଛେ । ଫି' ମାସେ ଦୁଇ ନୁ ୩ ଥର୍ ଶୁଣାଣି କରାଯାଉଛେ । ଛତିଶ୍ଗଡ଼୍ ନ କମିଟି ଗଠନ୍ ଉତ୍ରୁ ସ୍ଥାୟୀ ସମାଧାନ୍ ଲାଗି ଆଲୋଚନା ଜାରି

ରହେବା । ଦୁହି ରାଜ୍ୟ ଭିତ୍‌ରେ ତଥ୍ୟ ଦିଆନିଆ ବାବ୍‌ଦେ ଆଲୋଚନା କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବୁଦ୍ଧ ଜୟନ୍ତୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସତ୍ୟ ଆଉ ଅହିଂସାର୍ ରାହା ଦେଖଉଥିବା ଭଗବାନ୍ ବୁଦ୍ଧଙ୍କର୍ ଜୟନ୍ତୀ ଆଏଜ୍ ସାରା ପୁର୍‌ଥି ନ ପାଲନ୍ କରାଯାଉଛେ । ଭଗବାନ୍ ବୁଦ୍ଧ ଆଝିର୍ ଦିନେ ବୌଧଗୟାଠାନେ ମହାବୌଧି ଗଛ୍ ମୂଲେ ନର୍ବାଣ ପାଇଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଦ୍ଧ ପୂର୍ଣ୍ଣିମା ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଭଗବାନ୍ ବୁଦ୍ଧଙ୍କର୍ ନୀତି ଆଦର୍ଶ ଆଉ ମାର୍ଗ ଅନୁସରଣ୍ କରିକରି ମାନବ୍ ଜାତି ଶାନ୍ତି, ସମ୍ପ୍ରିତି ଆଉ ସମୃଦ୍ଧି ଲାଭ କର୍‌ବା ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଦ୍ଧ ପୂର୍ଣ୍ଣିମା ଅବ୍‌ସରେ ସବୁ ଦେଶ୍‌ବାସୀଙ୍କୁ ବୁଦ୍ଧ ଦେଖେଇଥିବା ମାର୍ଗ ଅନୁସରଣ୍ କର୍‌ବାର୍ ଲାଗି ବାର୍ତା ଦେଇଛନ୍ । ଗୌତମ୍ ବୁଦ୍ଧଙ୍କର୍ ଜୀବନ୍ ମୂଲ୍ୟ ମାନ୍‌କୁ ଅପ୍‌ନେଇକରି ସଂକଳ୍ପ ନେବାର୍‌କେ ଶ୍ରୀ ମୋଦୀ ଆହ୍ୱାନ୍

ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ବୁଦ୍ଧଙ୍କର୍ ମହାନ୍ ଆଦର୍ଶଥି ଅନୁପ୍ରାଣିତ୍ ହେଇକରି ଜୀବନ୍ ନ କରୁଣା, ମୈତ୍ରୀ ଆଉ ମାନବିକତାକେ ଉଚା ଦର୍‌ଜା ଦେବାର୍ ସହେତେ ଗୁଟେ ସମୃଦ୍ଧ ଆଉ ପ୍ରଗତିଶୀଳ ରାଜ୍ୟ ଗଠନ୍ ଲାଗି ସଂକଳ୍ପବଦ୍ଧ ହେବାର୍ ଦର୍‌କାର୍ ରହିଛେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍, ଆଜିର୍ ଦିନ୍ ଖାଲି ଭଗବାନ୍ ବୁଦ୍ଧଙ୍କର୍ ଜନମ୍, ଜ୍ଞାନ୍ ପ୍ରାପ୍ତି ଆଉ ମହାପରିନିର୍ବାଣର ସୁର୍‌ତା ଦିବସ୍ ନୁହେଁସେ । ଇଟା ମୁନୁଷ୍‌କେ ଜୀବନ୍‌ର ସତ୍ୟ, ଅହିଂସା ଆଉ କରୁଣାର୍ ରାହାକେ ଅପ୍‌ନାବାର୍‌କେ ପ୍ରେରଣା ଦେସି ।

ଶ୍ରମିକ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରର୍ ସମୃଦ୍ଧି ଆଉ ସାମଗ୍ରିକ୍ ବିକାଶ୍‌ଥି ଶ୍ରମିକ୍‌ମାନ୍‌କର୍ ପରିଶ୍ରମ୍, ନିଷ୍ଠା ଆଉ ପ୍ରତିବଦ୍ଧତାକେ ସମ୍ମାନ୍ ଜନେଇକରି ଆଏଜ୍ ଆନ୍ତର୍ଜାତିକ ଶ୍ରମିକ୍ ଦିବସ୍ ପାଳନ୍ କରାଯାଉଛେ । ଇ ଦିବସ୍ ପାଳନ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶ୍ରମିକ୍

ଭାଏବହେନ୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ବିକଶିତ୍ ଓଡ଼ିଶା ଆଉ ଭାରତ୍ ଗଠନ୍ ଦିଗେ ଅବଦାନ୍ ରଖିବାର୍‌କେ ସମ୍‌କୁ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶ୍ରମିକ୍‌ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଶ୍ରମିକ୍ ସମାଜ୍‌ର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ୍ ଆଉ ଅଧିକାର୍‌ର ସୁରକ୍ଷା ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ଶ୍ରୀ ମାଝୀ କହିଛନ୍ । ଆନ୍ତର୍ଜାତିକ୍ ଶ୍ରମିକ୍ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଓୟୁଏଟି ଶିକ୍ଷା ସଦନ୍ ନ ଆଏଜ୍ ବେଲ୍‌ବୁଡ଼େ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଭିନ୍ ଭିନ୍ ଶ୍ରମିକ୍ କଲ୍ୟାଣ୍ ବୋର୍ଡ଼ ଜରିଏ ସାରା ରାଏଜେ ଶହେ ୫୦ କୋଟିନୁ ଅଏତ୍‌କା ସାହାଜ୍ ଟଙ୍କା ବାଂଟ୍‌ବେ । ଇତାର୍‌ସହେତେ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବେ ବଲି ଜନାପଡ଼ିଛେ ।

ଶ୍ରମିକ୍ ଦିବସ୍- ଜିଲ୍ଲା ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଶ୍ରମିକ୍ ଦିବସ୍ ପାଲିତ୍ ହେଇଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍‌ର ମିଲିତ୍ ଚେରେଷ୍ଟାଥି ଆଏଜ୍ ସ୍ଥାନୀୟ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଆନ୍ତର୍ଜାତିକ୍ ଶ୍ରମିକ୍ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ନିର୍ମାଣ୍ ଶ୍ରମିକ୍ ଆଉ ଅସଂଗଠିତ୍ ଶ୍ରମିକ୍ କଲ୍ୟାଣ୍ ଲାଗି ୫୩ ଝନ୍ ହିତାଧିକାରୀଙ୍କୁ ୫୦ ଲାଖ୍ ୪୧ ହଜାର୍ ୪ ଶହ ଟଙ୍କାର୍ ସାହାଜ୍ ବଂଟାଯାଇଛେ । ଇତାର୍ ସହେତେ ଶ୍ରମିକ୍‌ମାନ୍‌କୁ ପରିଚୟ ପତ୍ର ଭିଲ୍ ପ୍ରଦାନ୍ କରାଯାଇଛେ ।

ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍ ଠାନେ ଆଏଜ୍ ଜିଲ୍ଲା ଶ୍ରମ ବିଭାଗ୍ ତର୍‌ଫୁ ଆନ୍ତର୍ଜାତିକ ଶ୍ରମ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ସାହାଜ୍ ବାଂଟିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଶ୍ରମ ବିଭାଗ୍ ତର୍‌ଫୁ ସୋନ୍‌ପୁର୍ ଟାଉନ୍‌ହଲ୍ ଠାନେ ଶ୍ରମିକ୍ ଦିବସ୍ ପାଲିତ୍

ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ସାହାଜ୍ ବଂଟାଯାଇଛେ ।

ଦେବ୍‌ଗଡ୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଆଏଜ୍ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ୍ ଶ୍ରମିକ୍ ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲାପାଳ୍ କବିନ୍ଦ୍ର କୁମାର୍ ସାହୁ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ସାହାଜ୍ ବାଂଟିଛନ୍ ।

ବଲାଙ୍ଗିର୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ଡାକ୍ତର୍‌ଖାନା ପ୍ରେକ୍ଷାଳୟ ନ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ୍ ଶ୍ରମିକ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରମିକ୍‌ମାନ୍‌କୁ ପରିଚୟ ପତ୍ର ବାଂଟ୍‌ବାର୍ ସହେତେ ଭିନ୍ ଭିନ୍ ସହାୟତା ରାଶି ବାଂଟିଛନ୍ ।

ପଣ୍ଡିତ୍ ରଘୁନାଥ ମୁର୍ମୁ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାନ୍ତାଳି ଭାଷା ଅଲଚିକି ଲିପିର ଉଦ୍ଭାବକ ପଣ୍ଡିତ ଗୁରୁ ଗୋମ୍‌କେ - ରଘୁନାଥ ମୁର୍ମୁଙ୍କର୍ ଶହେ ୨୧ ତମ ଜନ୍ମଜୟନ୍ତୀ ଆଏଜ୍

ପାଲନ୍ କରାଯାଉଛେ । ସାନ୍ତାଳି ଭାଷାର୍ ଲିପି ଅଲଚିକି କେ ତିଆର୍ କରିକରି ପଣ୍ଡିତ୍ ରଘୁନାଥ ମୁର୍ମୁ ଦେଶ୍ ଆଉ ବିଦେଶ୍ ନ ବିଶାଳ ସମ୍ପ୍ରଦାୟର୍ ଭାଷା ସାହିତ୍ୟ ଆଉ ଶିକ୍ଷାର୍ ବିକାଶ୍ କ୍ଷେତ୍ରଥି ନିଜର୍ ବଡ଼ ଅବଦାନ୍ ରଖିଛନ୍ । ସାନ୍ତାଳି ଭାଷାକେ ଖାସ୍ ପରିଚୟ ଦେବାର୍ ଦିଗେ ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ଅବଦାନ୍ ବହୁତ୍ ଜରୁରୀ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ବୌଦ୍ଧ ପୂର୍ଣ୍ଣିମା        ବୌଦ୍ଧ ସମ୍ବାଦଦାତା

ପବିତ୍ର ବୌଦ୍ଧ ପୂର୍ଣ୍ଣିମା ଅବ୍‌ସରେ ଆଏଜ୍ ବୌଦ୍ଧ ଜିଲ୍ଲା ନ ଭିନ୍ ଭିନ୍ ଧାର୍ମିକ୍ ଆଉ ସାମାଜିକ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ଭଗବାନ୍ ବୁଦ୍ଧଙ୍କର୍ ଜୟନ୍ତୀ ଅବ୍‌ସରେ ବୁଦ୍ଧ ବିହାର୍ ସହେତେ ପ୍ରବଳପୁର୍ ଆଉ ଶ୍ୟାମ୍‌ସୁନ୍ଦର୍‌ପୁର୍ ନ ପୂଜା ଆଉ ଉତ୍ସବ୍ ପାଳନ୍ କରାଯାଇଛେ । ଆଏଜ୍ ସଖାଲୁ ଐତିହାସିକ୍ ବୁଦ୍ଧ ମନ୍ଦିର୍ ନ ପୂଜାର୍ଚ୍ଚନା କରାଯାଇଥିବାର୍ ବେଲେ ମହାନଦୀ ଆଲ୍‌ତୀ ଘାଟ୍ ନ ସାମୂହିକ୍ ଆଲ୍‌ତୀ ଆଉ

ଆଲୋଚନାଚକ୍ର ହେଇଯାଇଛେ । ଜିଲ୍ଲା ବୁଦ୍ଧ ଜୟନ୍ତୀ କମିଟି ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଯୋଗ୍ ଦେଇଥିଲେ ।

ଭୀମଭୋଇ ଜୟନ୍ତୀ ସୁବର୍ଣ୍ଣପୁର୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ବୈଶାଖ୍ ପୁନି ଅବ୍‌ସରେ ଆଏଜ୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ସନ୍ଥକବି ଭୀମଭୋଇଙ୍କର୍ ଜନମ୍‌ସ୍ଥଲୀ ଜଟେସିଂହା ସହେତେ ଖଲିଆପାଲି ସମାଧୀ ପୀଠ ନ କବିଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଶୂନ୍ୟସ୍ୱରୂପ ଆଉ ଭୀମଭୋଇ ସ୍ମୃତିସଂସଦ୍ ତର୍ଫୁ କବିଙ୍କର୍ ଜନମ୍‌ସ୍ଥଲୀ ନ ଥିବା ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଲି ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍

ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ୨୩ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ।   ବର୍ଷା ଲାଗି ରାଏଜେ ତାପମାତ୍ରା ସାମାଏନ୍ କମିଛେ ।